## ସଂକ୍ଷେପରେ

### ସମଲ ବ୍ୟାରେଜ୍‌ର ୭ ଗେଟ୍ ଖୋଲା

**କଣିହାଁ/ଆଠମଲ୍ଲିକ, ୨୬।୮(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀରେ ଥିବା ସମଲ ବ୍ୟାରେଜର ୭ଟି ଗେଟ୍ ବୁଧବାର ଖୋଲାଯାଇଛି। ବ୍ୟାରେଜ୍ ନିର୍ବାହୀ ଯନ୍ତ୍ରୀ ବିଶ୍ୱମୋହନ ବରାଳ କହିଛନ୍ତି, ସମାକୋଇ, ଟିକିରା ଓ ସିଙ୍ଗଡା ନଦୀର ବଢ଼ିପାଣି ଆସୁଛି। ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ ଖୋଲାଥିବାରୁ ପ୍ରତି ସେକେଣ୍ଡରେ ୨ ହଜାର ଘନମିଟରରୁ ଊର୍ଦ୍ଧ୍ୱ ଜଳ ସମଲ ବ୍ୟାରେଜକୁ ଆସୁଛି। ୭ଟି ଗେଟ୍ ଦେଇ ବ୍ୟାରେଜରୁ ୩ ହଜାର ୫ ଶହ ଘନମିଟର ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ପରାବିଲ, ବିରୁ, ଗୌଣିଘଷା, ମହାଧରପୁର, ଗହମ, କୁଲେଇ ଆଦି ଗ୍ରାମରେ ବହୁ ଚାଷଜମି ଜଳମଗ୍ନ ହୋଇଛି। ରେଙ୍ଗାଲି ଡ୍ୟାମ୍‌ର ଅଧିକ ଗେଟ୍ ଖୋଲାଗଲେ ଏହିସବୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ସେହିପରି ଆଠମଲ୍ଲିକ ସ୍ଥିତ ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ମୋଟ୍ ୮ଟି ଗେଟ୍‌ରୁ ୪ଟି ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୫୦ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ୨୨୦ ଘନମିଟର ନିଷ୍କାସନ ହେଉଥିବା ମାନଜୋର ଡ୍ୟାମ୍ ନିର୍ବାହୀଯନ୍ତ୍ରୀ ସନାତନ ପାତ୍ର କହିଛନ୍ତି।

### ୭ ଶହ ଟପିଲା ପଜିଟିଭ୍ ସଂଖ୍ୟା

**ଅନୁଗୋଳ ଅଫିସ୍, ୨୬।୮:** ଅନୁଗୋଳ ଜିଲାରୁ ବୁଧବାର ୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୭୦୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣଁରପାଳ ବ୍ଲକର ୫, କଣିହାଁରୁ ୨, ଛେଣ୍ଡିପଦା, ତାଳଚେର ପୌରାଞ୍ଚଳ ଓ ଅନୁଗୋଳ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ମେଡିକାଲକୁ ପଠାଯାଇଥିବାବେଳେ ଲକ୍ଷଣ ବିହୀନଙ୍କୁ ଘରେ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ୪ ଜଣ ସୁସ୍ଥ ହୋଇ ଫେରିଛନ୍ତି। ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୪୪୨ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ୍, ୨୬।୮:** ଅନୁଗୋଳ ଜିଲା ନାଲ୍‌କୋ ଥାନା ହଟିଂ ଅଞ୍ଚଳରେ ଯଶୋଦା ଗାଗରାଇ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ତାଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ସେ ନାଲ୍‌କୋ ହଟିଂରେ ପରିବାର ସହ ରହି ଏକ ଶିଳ୍ପସଂସ୍ଥାରେ କାମ କରୁଥିଲେ। ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଝୁଲନ୍ତା ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୬।୮:** ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଧୀନ ନିମତଇଳା ଗ୍ରାମର ବିନୋଦିନୀ ବିଶ୍ୱାଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବିନୋଦିନୀଙ୍କ ସ୍ୱାମୀ ଦୁଃଖବନ୍ଧୁ ବିଶ୍ୱାଳଙ୍କ ଦୁଇବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ତାଙ୍କର ଦୁଇପୁଅ ଝାରସୁଗୁଡାରେ ଏକ କମ୍ପାନୀରେ କାମ କରୁଛନ୍ତି। ବିନୋଦିନୀ ଘରେ ଏକାକୀ ରହୁଥିଲେ। ସେ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ରହୁଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୩୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

### ଗାଡ଼ି ଧକ୍କାରେ ଶିଶୁ ମୃତ

**ମାଧପୁର, ୨୬।୮:** କିଆକଟା ଥାନା କିଆକଟା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ସାନନ୍ଦ ଗୁରୁଙ୍କ ୪ ବର୍ଷର ପୁଅ ରାହୁଲ ଗୁରୁଙ୍କ ମୃତ୍ୟୁ ଘଟିଛି। ରାହୁଲ ଘର ସମ୍ମୁଖକୁ ବାହାରି ଆସିବା ବେଳେ ଏକ ବୋଲେରୋ ଧକ୍କା ଦେଇ ପଳାଇଥିଲା। ତାଙ୍କୁ ନିକଟସ୍ଥ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କିଆକଟା ଥାନା ଅଧିକାରୀ ଅନାମ ଲାକ୍ରା ପ୍ରକାଶ କରିଛନ୍ତି।

# ୨ ରହୁଛି ଖୋଲା, ୫ରେ ତାଲା

**ପରିକ୍ଷିତ ସାହୁ**
ବଇଣ୍ଡା, ୨୬।୮

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ହୋମିଓପ୍ୟାଥି ଓ ଆୟୁର୍ବେଦ ଚିକିତ୍ସାସେବା। ଉପଖଣ୍ଡର ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଜଙ୍ଗଲ ଅଧ୍ୟୁଷିତ ୭ ପଞ୍ଚାୟତର ୪୦ ଗ୍ରାମବାସୀଙ୍କୁ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମୋଟ୍ ୭ଟି ହୋମିଓପ୍ୟାଥି ଓ ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲା। ହେଲେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଦିଆ ନ ଯିବା କାରଣରୁ ବର୍ଷ ବର୍ଷ ଧରି ୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି। ଅନ୍ୟ ୨ଟି ଡାକ୍ତରଖାନାରେ ଜଣେ ଲେଖାଏ ଡାକ୍ତର ଥିବାରୁ ଅଳ୍ପ କିଛି ଲୋକ ଉପକୃତ ହେଉଛନ୍ତି।

ଆଠମଲ୍ଲିକ ବ୍ଲକର ଆମ୍ବଶରମୁଣ୍ଡା, ଜାମୁଡୋଲି ଏବଂ କିଶୋରନଗର ବ୍ଲକର ଆମ୍ବପାଳ, ସଞ୍ଚାମୁରାରେ ରହିଛି ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ର। ସେହିପରି ଆଠମଲ୍ଲିକ ବ୍ଲକର ପାଇକସାହି, କିଆକଟା ଏବଂ କିଶୋରନଗର ବ୍ଲକର କଣ୍ଢେଇକୁଲିଆ ପଞ୍ଚାୟତରେ ଗୋଟିଏ ଲେଖାଏ ଆୟୁର୍ବେଦ ଚିକିତ୍ସାଳୟ ରହିଛି। ଉପଖଣ୍ଡର ଏହି ୭ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏ ଡାକ୍ତର, ଫାର୍ମାସିଷ୍ଟ, ଆସିଷ୍ଟାଣ୍ଟ, ପିଅନ, ସୁଇପର ଏବଂ ୱାଚମ୍ୟାନଙ୍କ ଆବଶ୍ୟକତା ରହିଛି।


କିଶୋରନଗର ବ୍ଲକ କଣ୍ଢେଇକୁଲିଆଠାରେ ଥିବା ଆୟୁର୍ବେଦ ଚିକିତ୍ସାଳୟ।

- ■ଆଠମଲ୍ଲିକ ଉପଖଣ୍ଡରେ ହୋମିଓପ୍ୟାଥି, ଆୟୁର୍ବେଦ ଚିକିତ୍ସା ସେବା ବିପର୍ଯ୍ୟସ୍ତ
- ■୭ ଡାକ୍ତରଖାନାରୁ ମାତ୍ର ୨ଟିରେ ଅଛନ୍ତି ଡାକ୍ତର
- ■କରୋନା ସମୟରେ ଅଧିକ ଅସୁବିଧା ଭୋଗୁଛନ୍ତି ୪୦ ଗ୍ରାମବାସୀ

କିନ୍ତୁ କିଶୋରନଗର ବ୍ଲକର ଆମ୍ବପାଳ ହୋମିଓପ୍ୟାଥି ଚିକିତ୍ସାଳୟରେ ଜଣେ ଡାକ୍ତର ଥିବାବେଳେ ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ହୋମିଓପ୍ୟାଥି ଚିକିତ୍ସାଳୟରେ ଡାକ୍ତରଙ୍କ ସହ ଜଣେ ପିଅନ ଅଛନ୍ତି। ଉପଖଣ୍ଡର ଅନ୍ୟ ୫ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ବର୍ଷ ବର୍ଷ ଧରି ସେଠାରେ ତାଲା ଝୁଲି ରହୁଛି। ଜାମୁଡୋଲିରେ ଦୀର୍ଘ ୧୫ ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡିଛି। ଜଣେ ମାତ୍ର ପିଅନ ଡାକ୍ତରଖାନା ଜଗିଛନ୍ତି। ସଞ୍ଚାମୁରାରେ ମଧ୍ୟ ସମାନ ସ୍ଥିତି। ସେହିପରି କିଆକଟା ଓ କଣ୍ଢେଇକୁଲିଆରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକ୍ତର, କର୍ମଚାରୀ ନିଯୁକ୍ତ କରାଯାଇ ନାହିଁ। ଫଳରେ ଜଙ୍ଗଲାଞ୍ଚଳର ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଉପରେ ନିର୍ଭରଶୀଳ ହଜାର ହଜାର ଲୋକ ସ୍ୱାସ୍ଥ୍ୟସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ତ୍ତମାନର କରୋନା ସମୟରେ ଦୂରଦୂରାନ୍ତ ଚିକିତ୍ସାଳୟକୁ ଯିବାରେ ସମସ୍ୟା ଓ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଏସବୁ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଆଗଲେ ଉପକୃତ ହୋଇପାରନ୍ତେ ବୋଲି ଉପଖଣ୍ଡବାସୀ ପ୍ରକାଶ କରିଛନ୍ତି। ଏ ଦିଗରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଢେଙ୍କାନାଳ ସର୍କଲର ଜିଲା ଆୟୁର୍ବେଦିକ ମେଡିକାଲ ଅଫିସର ଡା. ଅମ୍ବୁଜ କୁମାର ସାହୁ କହିଛନ୍ତି, କିଛି ମାସ ତଳେ ସରକାର ରାଜ୍ୟରେ ୧୫୮ ଜଣ ଆୟୁର୍ବେଦିକ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ଆଠମଲ୍ଲିକ ଉପଖଣ୍ଡରେ ଖାଲି ପଡିଥିବା ଡାକ୍ତର ପଦବୀ କିପରି ପୂରଣ କରାଯିବ ସେ ନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ଡା. ସାହୁ ପ୍ରକାଶ କରିଛନ୍ତି।

### ସର୍ବଦା ଅବହେଳା



ପାଇକସାହି ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତର ନାହାନ୍ତି। କିଛି ମାସ ପୂର୍ବେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ହେଁ ତାଙ୍କୁ ଡେପୁଟେଶନରେ ଅନ୍ୟତ୍ର ବଦଳିକରି ପଠାଇ ଦିଆଗଲା। ଏହି ଡାକ୍ତରଖାନାକୁ ସର୍ବଦା ଅବହେଳା କରାଯାଇଆସୁଛି।

**-ନିରଜକାନ୍ତ ସାହୁ, ପାଇକସାହି, ଆଠମଲ୍ଲିକ**

### ବର୍ଷ ବର୍ଷ ଧରି ତାଲା



୧୦ ବର୍ଷ ହେବ କଣ୍ଢେଇକୁଲିଆ ଆୟୁର୍ବେଦ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ତେଣୁ ଏଠାରେ ତାଲା ଝୁଲାଇ ଦିଆଯାଇଛି। ଅପହଞ୍ଚ ଇଲାକା ହୋଇଥିବାରୁ ସରକାର ବର୍ଷ ବର୍ଷ ଧରି ଏପରି ଅବହେଳା କରିଆସୁଛନ୍ତି।

**-ଅଭିରାମ ସାହୁ, କଣ୍ଢେଇକୁଲିଆ, କିଶୋରନଗର**

### ସବୁ କ୍ଷେତ୍ରରେ ଉପେକ୍ଷା



ଜିଲାର ଉପାନ୍ତ ଅଞ୍ଚଳ ହୋଇଥିବାରୁ କିଆକଟାକୁ ସର୍ବଦା ଉପେକ୍ଷା କରାଯାଉଛି। ଏଠାରେ ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ବି ଡାକ୍ତର ନାହାନ୍ତି। ଫଳରେ ସ୍ୱାସ୍ଥ୍ୟସେବା ପାଇଁ ପଡ଼ୋଶୀ ଜିଲା ବୌଦ୍ଧ ଉପରେ ନିର୍ଭର କରିବାକୁ ପଡୁଛି।

**-ପ୍ରତାପଚନ୍ଦ୍ର କର୍ଣ୍ଣ, କିଆକଟା, ଆଠମଲ୍ଲିକ**

### ୧୫ ବର୍ଷ ହେଲା ପଦବୀ ଖାଲି



ଜାମୁଡୋଲି ହୋମିଓପ୍ୟାଥି ଚିକିତ୍ସାଳୟରେ ୧୫ ବର୍ଷ ହେବ ଡାକ୍ତର, କର୍ମଚାରୀ ପଦବୀ ଖାଲି ପଡ଼ିଛି। ତେଣୁ ସ୍ୱାସ୍ଥ୍ୟସେବା ପାଇଁ ଏଠାକାର ଲୋକେ ଘରୋଇ ବୈଦ୍ୟଙ୍କ ଉପରେ ନିର୍ଭର କରୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**-ଜ୍ଞାନରଞ୍ଜନ ଜେନା, ଜାମୁଡୋଲି, ଆଠମଲ୍ଲିକ**

### ତୁରନ୍ତ ପଦକ୍ଷେପ ନିଆଯାଉ



ସଞ୍ଚାମୁରାରେ ହୋମିଓପ୍ୟାଥି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କିନ୍ତୁ ସରକାର ଏଠାରେ ଡାକ୍ତର ନିଯୁକ୍ତି ଦେଉ ନ ଥିବାରୁ ଏଠାକାର ଜନସାଧାରଣଙ୍କୁ ସୁବିଧାରେ ଚିକିତ୍ସା ସେବା ମିଳିପାରୁ ନାହିଁ। ବର୍ତ୍ତମାନ କରୋନା ସମୟରେ ଲୋକେ ବେଶି ଅସୁବିଧାରେ ଅଛନ୍ତି। ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ଉଚିତ।

**-ସୁକାନ୍ତ ସାହୁ, ସଞ୍ଚାମୁରା, କିଶୋରନଗର**

# ଜିଲାରେ ବେହାଲ ଜୀବନଯାତ୍ରା


ଦୟଣାବିଲ ନିକଟ ୫୩ନଂ. ଜାତୀୟ ରାଜପଥରେ ଡମଶାଳ ନଦୀର ବନ୍ୟାପାଣି।

**ଢେଙ୍କାନାଳ /ଭୁବନ/କାମାକ୍ଷାନଗର, ୨୬।୮(ଡି.ଏନ.ଏ.):** କରୋନା ମହାମାରୀ ଭିତରେ ଲଘୁଚାପଜନିତ ଲଗାଣବର୍ଷା ଢେଙ୍କାନାଳ ଜିଲାବାସୀଙ୍କ ପାଇଁ ଦୁଃଖ ଆଣିଛି। ବନ୍ୟା ପରିସ୍ଥିତିରେ ସୁଧାର ଆସି ନ ଥିବାବେଳେ ଦୁଇଦିନ ହେଲା ଜାରି ରହିଥିବା ଲଗାଣବର୍ଷାରେ ବେହାଲ ହୋଇପଡ଼ିଛି ଜୀବନଯାତ୍ରା। ବୁଧବାର ସକାଳ ୮ଟା ସୁଦ୍ଧା ଜିଲାରେ ୬୨୬.୭ ମିଲିମିଟର ବର୍ଷା ହୋଇଥିବା ଆପାତକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। କଙ୍କଡ଼ାହାଡ଼ ବ୍ଲକରେ ସର୍ବାଧିକ ୧୨୫.୨ ଏବଂ କାମାକ୍ଷାନଗରରେ ସର୍ବନିମ୍ନ ୬୦ ମିମି ବର୍ଷିଛି। ସେହିପରି ଢେଙ୍କାନାଳରେ ୭୨.୩, ଗଁନ୍ଦିଆରେ ୬୫, ଓଡ଼ାପଡ଼ାରେ ୭୪, ହିନ୍ଦୋଳରେ ୮୦.୨, ଭୁବନରେ ୬୫ ଏବଂ ପରଜଙ୍ଗରେ ୮୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷାରେ କପିଳାସ ପୀଠ ଜଳମୟ ହୋଇପଡ଼ିଥିଲା। ସେହିପରି ଭୁବନ ବ୍ଲକ ଦୟାଣାବିଲ ଗ୍ରାମ ନିକଟରେ ଡମଶାଳା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳସ୍ରୋତ ୫୩ନଂ. ଜାତୀୟ ରାଜପଥରେ ପ୍ରବାହିତ ହେବାରୁ କାମାକ୍ଷାନଗର ପାର୍ଶ୍ୱରୁ ଭୁବନକୁ ଗମନାଗମନ ବନ୍ଦ ହୋଇଯାଇଛି। ସେହିପରି ପ୍ରବଳ ବର୍ଷାରେ କାମାକ୍ଷାନଗର ଏନଏସି ଅଧୀନ ଆଲୁତୁମା ଜଗନ୍ନାଥ ମନ୍ଦିର ନିକଟ କରଣସାହିର ପ୍ରଭାକର ବାରିକଙ୍କ ଦୁଇ ବଖରା ଘର ସହ ପରମାନନ୍ଦ ବାରିକ ଏବଂ ଡମ୍ବରୁ ବାରିକଙ୍କ ଘର ମାଟି କାନ୍ଥ ଭୁଶୁଡି ଯାଇଛି। ସମ୍ପୃକ୍ତ ପରିବାର ଗରିବ ହୋଇଥିବାରୁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

# ଲଗାଣ ବର୍ଷା ବଢ଼ାଇଲା ଦୁର୍ଦ୍ଦଶା

**ଅନୁଗୋଳ ଅଫିସ/ ବଇଣ୍ଡା/ ଆଠମଲ୍ଲିକ/ ମାଧପୁର,ଛେଣ୍ଡିପଦା, ୨୬।୮(ଡି.ଏନ.ଏ.):** ଲଘୁଚାପ ବର୍ଷା ଯୋଗୁ ଅନୁଗୋଳ ଜିଲାରେ କ୍ଷୟକ୍ଷତି ଘଟିଛି। କେଉଁଠି କାନ୍ଥ ପଡ଼ି ଲୋକେ ଆହତ ହୋଇଛନ୍ତି ତ କେଉଁଠି ପାଣିର ସୁଅ ରାସ୍ତା, ପୋଲ ଭସାଇ ନେଇଛି। ହଜାର ହଜାର ହେକ୍ଟର ଚାଷ ଜମିରେ ଆଣ୍ଠୁଏ ଉଚ୍ଚର ପାଣି ଠିଆ ହୋଇଥିବାରୁ ଫସଲ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଜିଲାରେ ବର୍ଷା ଲାଗି ରହିଥିବା ବେଳେ ସହର ତଳି ଅଞ୍ଚଳରେ ପାଣି ଜମି ରହିଛି। ହାକମିପଡ଼ାରେ ଏକ ଘରର କାନ୍ଥ ପଡ଼ିଯାଇଥିବା ବେଳେ ହାତୀବନ୍ଧରେ ପାଣି ଉଛୁଳୁ ଥିବାରୁ ପ୍ରତିକାର ପାଇଁ ଅଞ୍ଚଳବାସୀ ଜିଲାପାଳ ଓ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଲଗାଣ ବର୍ଷା ଯୋଗୁ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ସ୍ଥାନରେ ବହୁ କ୍ଷୟକ୍ଷତି ହୋଇଛି। ଆଠମଲ୍ଲିକ ବ୍ଲକ କୁରୁମଟାପରୁ ମନ୍ଦରବାହାଳ ପ୍ରଧାନମନ୍ତ୍ରୀ ସଡ଼କର ନାଳ ଉପରେ ଥିବା ପୋଲର କିଛି ଅଂଶ ଭାଙ୍ଗି ଯାଇଛି। ସାନହୁଲା-କୃତ୍ତିବାସପୁର ରାସ୍ତାର ସାନହୁଲା ନାଳ ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ପ୍ରସିଦ୍ଧ ଶୈବପୀଠ ଆଠମଲ୍ଲିକସ୍ଥିତ ଓଡସିଙ୍ଗା ଦେଉଳଝରିରେ ମହାନଦୀର ବନ୍ୟା ଜଳ ପ୍ରବେଶ କରିଛି। ବିନିକେଇ ଶକ୍ତିପୀଠ ମଧ୍ୟ ଜଳମଗ୍ନ ହୋଇପଡିଛି। କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ହରିଜନ ସାହିରେ ଗୋବର୍ଦ୍ଧନ ବେହେରାଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ବହୁ ସ୍ଥାନରେ ଚାଷ ଜମିରେ ପାଣି ଠିଆ ହୋଇଥିବାରୁ ଧାନ, ପରିବା ଫସଲ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ପାଇଁ କୁରୁମଟାପ ସରପଞ୍ଚ ସୁମନ୍ତ ବେହେରା ଦାବି କରିଛନ୍ତି। ଛେଣ୍ଡିପଦା ବ୍ଲକ ବାଲିପଙ୍ଗା-କିସିଣ୍ଡା ରାସ୍ତାରେ ଘାଇ ହୋଇଯାଇଛି। କୋଶଳାସ୍ଥିତ ସିଙ୍ଗିଡା ନଦୀରେ ଥିବା ପୁରୁଣା ପୋଲଟି ଭାସି ଯାଇଛି। ଫଳରେ ଛେଣ୍ଡିପଦା ଓ କିଶୋରନଗର ବ୍ଲକର ପ୍ରାୟ ୮ ପଞ୍ଚାୟତବାସୀ ଅସୁବିଧାରେ ପଡିଛନ୍ତି।

- ■ସହର ତଳି ଅଞ୍ଚଳରେ ପାଣି
- ■ଛେଣ୍ଡିପଦାରେ ଭାସିଗଲା ପୋଲ
- ■ଦେଉଳଝରି, ବିନିକେଇ ଜଳମଗ୍ନ


ସାନହୁଲା ନାଳ ପୋଲ ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି।

# ଢେଙ୍କାନାଳ ପୌରାଞ୍ଚଳ ୪ ଦିନ ଶଟ୍‌ଡାଉନ୍


୪ ଦିନିଆ ଶଟ୍‌ଡାଉନ୍ ସମ୍ପର୍କିତ ଘୋଷଣା କରାଯିବା ପରେ ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ ବଜାରରେ ପ୍ରବଳ ଭିଡ଼।

**ଢେଙ୍କାନାଳ ଅଫିସ, ୨୬।୮**

ଢେଙ୍କାନାଳ ପୌରାଞ୍ଚଳରେ ହୁ ହୁ ହୋଇ ବଢ଼ିଚାଲିଛି କରୋନା ସଂକ୍ରମଣ। ବର୍ତ୍ତମାନ ସୁଦ୍ଧା ଏଠାରୁ ୯୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହେଲେଣି। ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଉଥିବାରୁ ସଂକ୍ରମଣ ଚେନ୍ ଭାଙ୍ଗିବାକୁ ପୌରାଞ୍ଚଳକୁ ଗୁରୁବାର ଏବଂ ଶୁକ୍ରବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସେହିପରି ଶନିବାର ଏବଂ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ହେଉଛି। ଫଳରେ ଅତ୍ୟାବଶ୍ୟକ ସେବାକୁ ବାଦ୍‌ଦେଲେ ପୌରାଞ୍ଚଳରେ ଅନ୍ୟ ସମସ୍ତ ସେବା ୪ଦିନ ବନ୍ଦ ରହିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଶଟ୍‌ଡାଉନ୍ ସମ୍ପର୍କରେ ବୁଧବାର ପୂର୍ବାହ୍ନ ୧୦ଟାରେ ପୌରସଂସ୍ଥା ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବା ପରେ ସହରବାସୀଙ୍କ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କୌଣସି ସୂଚନା ନ ଥାଇ ପ୍ରଶାସନ ପକ୍ଷରୁ ଏପରି ହଠାତ୍ ଘୋଷଣାକୁ ନେଇ ବ୍ୟବସାୟ, ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ବୁଧବାର ଅପରାହ୍ନ ୨ଟା ବଦଳରେ ସନ୍ଧ୍ୟା ୬ଟା ଯାଏ ଦୋକାନ ଖୋଲା ରଖିବାକୁ ଅନୁମତି ମିଳିଥିଲା। ଫଳରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଖେଳପଡ଼ିଆ, ରଥଗଡ଼ା ଏବଂ ବାଜିଚୌକ ଅଞ୍ଚଳରେ ଥିବା ପରିବା ମାର୍କେଟରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସାମାଜିକ ଦୂରତ୍ୱ ରହି ନ ଥିବାରୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ଅପରପକ୍ଷେ ସ୍ଥାନୀୟ ଜର୍ଜ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋପବନ୍ଧୁ ଟାଉନ୍ ହଲ୍‌ରେ ବ୍ୟବସାୟୀଙ୍କୁ ବିନାଦେୟରେ ଆଣ୍ଟିଜେନ୍ ଟେଷ୍ଟ କରାଯାଇଛି। ପ୍ରାୟ ୩୦୦ ଜଣ ବ୍ୟବସାୟୀଙ୍କ ପରୀକ୍ଷା କରାଯାଇଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ପୌରାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଦୁଇଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏଥିରେ ସହଯୋଗ କରିବାକୁ ସହରବାସୀଙ୍କୁ ନିବେଦନ କରାଯାଇଛି।

- ■ଘୋଷଣା ପରେ ବଜାରରେ ଅସମ୍ଭାଳ ଭିଡ଼
- ■୩୦୦ ବ୍ୟବସାୟୀଙ୍କ ହେଲା ଆଣ୍ଟିଜେନ୍ ଟେଷ୍ଟ

### ୬୭ ଆକ୍ରାନ୍ତ, ୨୦ ସୁସ୍ଥ

**ଢେଙ୍କାନାଳ ଅଫିସ,୨୬।୮:** ଢେଙ୍କାନାଳ ଜିଲାରେ ବୁଧବାର ୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୨୦ ଜଣ ସୁସ୍ଥ ହୋଇ ଫେରିଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ଭୁବନ ଏନଏସିରୁ ୨୩ଜଣ, ବ୍ଲକରୁ ୧୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କାମାକ୍ଷାନଗର ଏନଏସିରୁ ୪ ଜଣ, ଢେଙ୍କାନାଳ ପୌରାଞ୍ଚଳରୁ ୧୬, ସଦର ବ୍ଲକରୁ ୫, ଓଡ଼ାପଡ଼ା ବ୍ଲକରୁ ୩, ପରଜଙ୍ଗ ବ୍ଲକରୁ ୨ ଜଣ, ଗଁନ୍ଦିଆ ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ, ଗୋବିନ୍ଦପୁର ଓ ହିନ୍ଦୋଳ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ଜିଲାରେ ସମୁଦାୟ ୧୨୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୯୨୭ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ହିନ୍ଦୋଳ ବ୍ଲକ ରଘୁନାଥପୁର ଗ୍ରାମ ଓ କାମାକ୍ଷାନଗର ଏନ୍‌ଏସିର ଆଳତୁମା ଚଷାସାହିକୁ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

### ଆନ୍ଦୋଳନ ଚେତାବନୀ

**ବଇଣ୍ଡା, ୨୬।୮(ଡି.ଏନ.ଏ.)**

ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରେ କାର୍ଯ୍ୟରତ ୧୨ ଠିକା କର୍ମଚାରୀଙ୍କୁ ୯ ମାସ ହେଲା ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ ରବିବାର ଢେଙ୍କାନାଳ ବିଏସ୍‌ଏନ୍‌ଏଲ୍ ବିଭାଗ ଜିଏମ୍‌ଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଦରମା ସହ ଇପିଏଫଓ ଯୋଗାଇ ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଠିକା କର୍ମଚାରୀ ବିବେକାନନ୍ଦ ପ୍ରଧାନ, ମଧୁସୂଦନ ରଣା, ସଞ୍ଜୟ ନାୟକ, ଅଥାନୀ ଗୁରାଣ୍ଡି, ବଳରାମ ସେଠୀ, ହେମନ୍ତ ସାହୁ, ପ୍ରଦୀପ ବେହେରା, କିଶୋରୀ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ପାଟକୁମୁଣ୍ଡା ଶଟ୍‌ଡାଉନ

**ଛେଣ୍ଡିପଦା, ୨୬।୮(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ପଞ୍ଚାୟତକୁ ବୁଧବାର ଠାରୁ ଶନିବାର ରାତି ୧୦ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯାଇଛି। ପଞ୍ଚାୟତରେ ଜଣେ କରୋନା ପଜିଟିଭି ବାହାରିବା ପରେ ସରପଞ୍ଚ ଡିଲେଶ୍ୱର ସାହୁ ଚିଠି ନଂ. ୬୮ରେ ଅବଗତ କରାଇଛନ୍ତି। ଏହି ସମୟରେ ଲୋକଙ୍କୁ ଘରୁ ନ ବାହାରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କଟକଣାବେଳେ ଅତ୍ୟାବଶ୍ୟକ ସେବା ଚାଲୁ ରହିବ ବୋଲି କୁହାଯାଇଛି।

# ଲଗାଣ ବର୍ଷା: ବୁଡ଼ିଲା ୪ ଜିଲ୍ଲା



ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଜଳ।

## ଫୁଲୁଛି ସବୁ ନଦୀ

ବାଲେଶ୍ୱର ଅଫିସ,୨୬।୮

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ସୋନ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ସମସ୍ତ ନଦୀର ବନ୍ୟା ପରିସ୍ଥିତି ଦେଖାଦେଇଛି। ରାଜ୍ୟସରକାରଙ୍କ ତରଫରୁ ଜିଲାପାଳମାନଙ୍କୁ ବନ୍ୟା ଓ ଭୂସ୍ଖଳନ ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମତ୍ସ୍ୟଜୀବୀମାନଙ୍କୁ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ୩ଦିନ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ବିପଦ ଭଳି ଆଶଙ୍କା ସୃଷ୍ଟି ହୋଇଛି। ମହାମାରୀ କରୋନା ସହିତ ଲଢ଼ି ଲଢ଼ି ହଇରାଣ ହେଉଥିବା ମଣିଷ ଏବେ ବନ୍ୟା ଓ ବର୍ଷାକୁ ସାମ୍ନା କରି ବଞ୍ଚିବାକୁ ରାହା ଖୋଜୁଛି। ଗୋଟିଏ ମାସରେ ବଙ୍ଗୋପସାଗରରେ ଲଘୁଚାପ ଯୋଗୁ ଦୁଇ ଦୁଇ ଥର ଲଗାଣ ବର୍ଷାର ସାମ୍ନା କରିଲେଣି ଜିଲାବାସୀ। ପୂର୍ବରୁ ପାଣି ଅଭାବରୁ ବର୍ଷାକୁ ଚାହିଁ ରହିଥିବା ଚାଷୀକୁଳ ଏବେ ଲଗାଣ ବର୍ଷା ଯୋଗୁ ବନ୍ୟାରେ ହତାଶ ହେଉଛନ୍ତି।

ଜିଲା ଜରୁରୀକାଳୀନ ବିଭାଗ ଠାରୁ ମିଳିଥିବା ସୂଚନାନୁସାରେ ବୁଧବାର ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକରେ ୧୦୩ ମି.ମି ବର୍ଷା, ବସ୍ତାରେ ୭୫ ମି.ମି, ଜଳେଶ୍ୱର ୫୪ମି.ମି, ବାଲିଆପାଳ ୭୪ମି.ମି, ବାଲେଶ୍ୱର ସଦର ୭୦ମି.ମି, ରେମୁଣା ୬୫ମି.ମି, ନୀଳଗିରି ୧୧୦ମି.ମି, ସୋର ୯୬ମି.ମି, ବାହାନଗା ୮୫ମି.ମି, ସିମୁଳିଆରେ ୧୨୨ମି.ମି, ଖଇରା ୭୨ମି.ମି ଓ ଔପଦା ବ୍ଲକରେ ୮୫ ମି.ମି ବର୍ଷା ରେକର୍ଡ କରାଯାଇଛି। ଏହାସହିତ ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ଜିଲାର ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ଏହା ୮.୨୯ ମିଟରରେ ପ୍ରବାହିତ ହେଉଛି। ସେହିପରି ୫ନଂ. ଜାତୀୟ ରାଜପଥଠାରେ ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ଏହା ୭.୭୪୦ ମିଟରରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ୬.୬୮ମିଟରରେ ପ୍ରବାହିତ ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ତଳିଆ ଅଞ୍ଚଳଗୁଡ଼ିକ ବୁଡ଼ିଯାଇଥିବା ବେଳେ ଜଳକା ନଦୀରେ ବନ୍ୟା ଯୋଗୁ ହଜାର ହଜାର ହେକ୍ଟର ଚାଷଜମି ବୁଡ଼ି ରହିଛି। ସେହିପରି ବସ୍ତା ଓ ବାଲିଆପାଳ ବ୍ଲକର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଜଳଘେରି ମଧ୍ୟରେ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ବନ୍ୟା ପରିସ୍ଥିତି ଉପରେ ନଜର ରଖିଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, ପଲିଥିନ୍ ଓ କିରୋସିନି ମହଜୁଦ ରଖାଯାଇଛି। ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ ସଜାଗ ରହିଥିବାର ସୂଚନା ମିଳିଛି।

## ବନ୍ୟା ପାଇଁ ପ୍ରଶାସନ ପ୍ରସ୍ତୁତ

କେନ୍ଦୁଝର, ୨୬।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ଲଘୁଚାପ ଜନିତ ବର୍ଷା ଯୋଗୁ କେନ୍ଦୁଝର ଜିଲାରେ ଜନଜୀବନ ବିପନ୍ନ ହୋଇ ପଡିଛି। ଜିଲାର ସମସ୍ତ ନଦୀନାଳରେ ଜଳ ସ୍ତର ବୃଦ୍ଧିପାଇବାକୁ ଲାଗିଛି। ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ପ୍ରମୁଖ ବୈତରଣୀ ନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗୁଥିବାରୁ ତଳ ମୁଣ୍ଡରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଅପରାହ୍ନ ୧ଟା ୩୦ ସୁଦ୍ଧା ଆନନ୍ଦପୁରରେ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ଅର୍ଥାତ ୩୯.୬୪ ମିଟର ରେକର୍ଡ କରାଯାଇଛି। ସେଠାରେ ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ରହିଛି। ଉପର ମୁଣ୍ଡରେ ବର୍ଷା ଲାଗି ରହୁଥିବାରୁ ବନ୍ୟା ଆଶଙ୍କା ରହୁଛି। ସେହିପରି ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ତୁରୁମୁଙ୍ଗା ସ୍ଥିତ ବୈତରଣୀ ନଦୀ ପୋଲ ଉପରେ ଜଳ ପ୍ରବାହ କରୁଛି। ଫଳରେ କଲିକତା-ମୁମ୍ବାଇ ଏନ୍‌ଏଚ ୪୯ରେ ଯାତାୟାତ ବନ୍ଦ ରହିଛି। ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି। ଜିଲାର ଅନ୍ୟାନ୍ୟ ସୋମାକୋଇ, ସୀତା, କାନଝରୀ, ଅରଡେଇ, ମୂଷଳ, କୁଶେଇ , ସୋନା, ମୁର୍ଗା, ରେମାଳ ଆଦି ନଦୀନାଳରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗୁଛି। ଫଳରେ ଏହି ନଦୀ ଉପର ପୋଲରେ ଯାତାୟାତ ଅସୁରକ୍ଷିତ ହୋଇ ପଡୁଛି।



ତୁରୁମୁଙ୍ଗା ବୈତରଣୀ ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଗାଡ଼ି ଯାଉଛି।

## ସଂକ୍ଷେପରେ

### ଚମ୍ପୁଆରେ ଆଣ୍ଠୁଏ ପାଣି

ଚମ୍ପୁଆ,୨୬।୮(ଡି.ଏନ.ଏ): ଚଳିତ ବର୍ଷାରେ ଚମ୍ପୁଆ ସଦର ମହକୁମାର ଅବସ୍ଥା ବେହାଲ ହୋଇପଡିଛି। ଲଗାଣ ବର୍ଷାପାଇଁ ଚମ୍ପୁଆର ପ୍ରମୁଖ ସ୍ଥାନରେ ଆଣ୍ଠୁଏ ପାଣି ଜମିରହିଥିବା ବେଳେ ଘରେ ଘରେ ବର୍ଷା ପାଣ ପଶି ଲହଡିମାରୁଛି। ସୂଚନା ଅନୁସାରେ ଗତ ମଙ୍ଗଳବାର ଚମ୍ପୁଆରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ରାସ୍ତାଘାଟଠାରୁ ଆରମ୍ଭ କରି ବସଷ୍ଟାଣ୍ଡ ସହିତ ସରକାରୀ କାର୍ଯ୍ୟାଳୟରେ ପାଣି ପଶିଯାଇଥିଲା। ଦୈନିକ ବଜାର ଏକପ୍ରକାର ବିଛିନ୍ନ ହୋଇପଡିଥିବାବେଳେ ଲୋକେ ପାଣିରେ ପଶି କାରବାର କରୁଥିବା ଦେଖା ଯାଇଛି। ଚମ୍ପୁଆ ଶିଶୁ ପ୍ରକଳ୍ପ ବିଭାଗ,ବ୍ଲକ ଶିକ୍ଷା ବିଭାଗ ଆଦିରେ ପାଣି ପଶି ରହିଥିବା ବେଳେ କର୍ମଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

### ଚତୁର୍ଦ୍ଦିଗ ଜଳାର୍ଣ୍ଣବ

କେନ୍ଦୁଝର, ୨୬।୮ (ସ୍ୱ.ପ୍ର.): ଲଗାଣ ବର୍ଷା ଯୋଗୁକେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇ ପଡିଛି। କେନ୍ଦୁଝର ଜିଲା ମୁଖ୍ୟାଳୟର ଅନେକ ୱାର୍ଡରେ ଲୋକ ମାନେ ବର୍ଷା ଯୋଗୁ ଜଳ ବନ୍ଦୀ ହୋଇ ରହିଥିବା ବେଳେ ପରିସ୍ଥିତି ବେହାଲ ହୋଇପଡିଛି। ସ୍ଥାନୀୟ ଜଗନ୍ନାଥପୁର ସ୍ୱଞ୍ଚକଲୋନୀରେ ବର୍ଷା ଓ ଡ୍ରେନ ପାଣି ଲୋକଙ୍କ ଘର ଭିତରେ ପଶି ଯାଇଥିବା ବେଳେ ଲୋକେ ପଦାକୁ ବାହାରି ପାରୁନାହାନ୍ତି। ଲୋକଙ୍କ ରୋଷେଇ ଘର, ବେଡ ରୁମରେ ଆଣ୍ଠୁଏ ପାଣି। ଫଳରେ ଲୋକମାନଙ୍କୁ ରାତି ଅନିଦ୍ରା ହେବାକୁ ପଡିଥିବା ବେଳେ ରୋଷେଇ କରି ନ ପାରି ଭୋକ ଉପାସରେ ରହିବାକୁ ପଡିଛି। ଜଳ ନିଷ୍କାସନ ପାଇଁ ପୌରପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମସ୍ୟା ଦୂର କରିପାରୁ ନାହିଁ। ତେବେ ପୌରପାଳିକା କର୍ମଚାରୀ ବୁଲି ବୁଲି ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ନିର୍ବାହୀ ଯନ୍ତ୍ରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ ସୂଚନା ଦେଇଛନ୍ତି।

### ବିପଦ ସଙ୍କେତ ଉପରେ ବୈତରଣୀ

ଆନନ୍ଦପୁର,୨୬।୮(ସ୍ୱ.ପ୍ର.): ଆନନ୍ଦପୁରରେ ବୈତରଣୀ ନଦୀ ଜଳ ବିପଦ ସଙ୍କେତର ଯଥେଷ୍ଟ ଉପରେ ପ୍ରବାହିତ ହେଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ପ୍ରଭାବରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ରାତି ୮ ଟା ୩୦ ମି. ଠାରୁ ବୁଧବାର ସକାଳ ୮ ଟା ୩୦ ମି. ପର୍ଯ୍ୟନ୍ତ ଉପରମୁଣ୍ଡରେ ରେକର୍ଡ ମାତ୍ରାରେ ବର୍ଷା ହୋଇଛି। ବୁଧବାର ୧୧ଟା ସୁଦ୍ଧା ବୈତରଣୀ ନଦୀ ଜଳ ସ୍ତର ୩୯.୨୦୦ ମିମିରେ ପ୍ରବାହିତ ହେଉଥିଲା। ଉପରମୁଣ୍ଡରେ ହୋଇଥିବା ବର୍ଷା ଜଳ ଆନନ୍ଦପୁର ଠାରେ ପହଞ୍ଚିଲେ ଜଳସ୍ତରରେ ଅଧିକ ମାତ୍ରାରେ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ଅପରାହ୍ନ ୪ଟା ସୁଦ୍ଧା ନଦୀର ଜଳସ୍ତର ୪୦.୦୫୦ମି. ଅତିକ୍ରମ କରିଛି। ବୈତରଣୀ ଜଳ ସ୍ତର ବୃଦ୍ଧି ପାଇଥିବାରୁ ପୌରପରିଷଦ ୧୩ ନଂ ଓ୍ୱାର୍ଡ଼ ସାଉଁଟିସାହିରେ ଲୋକଙ୍କ ଘରେ ପାଣି ପଶି କାନ୍ଥ ଭୁଶୁଡିବା ସହିତ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ବନ୍ୟା ପ୍ରଭାବିତ ଲୋକଙ୍କୁ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଆନନ୍ଦପୁରର ତଳି ଅଞ୍ଚଳରେ ବନ୍ୟା ସ୍ଥିତି ତଦାରଖ ପାଇଁ କେନ୍ଦୁଝର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭକ୍ତ ଚରଣ ପ୍ରଧାନ ଆନନ୍ଦପୁର ଭାରପ୍ରାପ୍ତ ଉପଜିଲାପାଳ ତପନ କୁମାର ନାୟକଙ୍କ ସହିତ ଆଲୋଚନା କରି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ଭାରପ୍ରାପ୍ତ ଉପଜିଲାପାଳ ତପନ ନାୟକ ସୂଚନା ଦେଇଛନ୍ତି।

## ବନ୍ୟାଜଳରେ ଭାସିଗଲା ଟାଭେରା, ଜଣେ ମୃତ

ଆନନ୍ଦପୁର/ଠାକୁରମୁଣ୍ଡା, ୨୬।୮(ସ୍ୱ.ପ୍ର./ଡି.ଏନ.ଏ.)

ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତ ଜଞ୍ଜାଳି ନାଳରେ ହଠାତ୍ ବନ୍ୟା ଜଳ ଆସିଥିଲା। ବନ୍ୟାଜଳ ରାସ୍ତାର ୬ ଫୁଟ ଉଚ୍ଚରେ ପ୍ରବାହିତ ହେବା ଦ୍ୱାରା ସେହି ରାସ୍ତାରେ ଯାଉଥିବା ଏକ ଟାଭେରା ଗାଡି ବନ୍ୟା ଜଳରେ ଭାସିଯାଇଥିଲା। ଗାଡି ପାଣିରେ ଭାସିଯିବା ଦ୍ୱାରା ସେଥିରେ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଲଗାଣ ବର୍ଷା ପ୍ରଭାବରେ ଜଞ୍ଜାଳି ଗ୍ରାମ ନିକଟରେ ଥିବା ଏକ ନାଳରେ ବନ୍ୟା ଜଳ ପ୍ରବାହିତ ହୋଇ ରାସ୍ତା ଉପରେ ଜଳ ପ୍ରବାହିତ ହୋଇଥିଲା। ମୃତ ଲୋକ ଏକ ଗଛରେ ଡାଳରେ ଲାଗି ଝୁଲୁଥିବା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ଆନନ୍ଦପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଉଦ୍ଧାର ପାଇଁ ଆନନ୍ଦପୁର ଅଗ୍ନିଶମ ସେବା ସଂସ୍ଥାର ସହାୟତା ନିଆଯାଇଥିଲା। ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ପ୍ରତାପ ସିଂହ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ଗାଡ଼ି (ନଂ.ଓଡି୦୫ଏ-୯୮୮୯) ରହିଛି। ସେହି ଗାଡିରେ କେତେ ଲୋକ ଥିଲେ ଠିକ୍ ସୂଚନା ମିଳି ନ ଥିବାବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜାଖୋଜି ଜାରି ରଖିଛନ୍ତି। ଖବର ଲେଖାହେବା ବେଳକୁ ନାଳର ଜଳ ସ୍ତର ହ୍ରାସ ପାଇଥିବାବେଳେ ଅନ୍ୟ କାହାରି ସମ୍ପର୍କରେ ସୂଚନା ମିଳି ନାହିଁ।

## ଭାସିଗଲା ୨ ଟ୍ରକ୍, ଜଣେ ମୃତ

ପାଟଣା/ଠାକୁରମୁଣ୍ଡା,୨୬।୮(ସ୍ୱ. ପ୍ର.)

ଲଗାଣ ବର୍ଷା ଯୋଗୁ ବୁଧବାର ଅପରାହ୍ନରେ କେନ୍ଦୁଝର ଜିଲା ୨୨୦ ନଂ ଜାତୀୟ ରାଜପଥରେ ଢେଙ୍କିକୋଟ ପାର୍ଶ୍ୱରୁ ପାଟଣା ଆସୁଥିବା ଏକ ଧାନ ବୋଝେଇ ଟ୍ରକ ସ୍ରୋତରେ ଭାସିଯାଇଛି। ବିପଦ ସଙ୍କୁଳ ଅବସ୍ଥାରେ ଟ୍ରକ୍‌ଟି ପାର ହେଉଥିବାବେଳେ ଗାଡିଟି ଭାରସାମ୍ୟ ହରାଇ ଭାସି ଯାଇଥିଲା। ଚାଳକଙ୍କୁ ସ୍ଥାନୀୟ ମଙ୍ଗଳପୁର ଗ୍ରାମର କୃଷ୍ଣ ଚନ୍ଦ୍ର ମହନ୍ତ ପାଣି ଭିତରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି କେନ୍ଦୁଝର ମୟୂରଭଞ୍ଜ ସୀମାନ୍ତ କରଞ୍ଜିଆ ଥାନା ଦେଇ ଯାଇଥିବା ଚଢ଼େଇଭୋଳ ପୋଲ ନିକଟରେ ପ୍ରଖର ସ୍ରୋତରେ ଏକ ଟ୍ରକ୍‌ଟି ସମ୍ପୂର୍ଣ୍ଣ ବୁଡ଼ିଯାଇ ଚାଳକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଜେସିବି ସାହାଯ୍ୟରେ ମୃତଦେହ ଉଦ୍ଧାର କରିଛନ୍ତି।

## ପୁଣି ଧସିଲା ଗେଙ୍ଗୁଟି ନଦୀ ବନ୍ଧ

ଧାମନଗର/ଦୋବଲ,୨୬।୮(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ରାମେଶ୍ୱର ପୁର ନିକଟରେ ଗେଙ୍ଗୁଟି ନଦୀ ବନ୍ଧ ପୁଣି ବୁଧବାର ଧସିଯାଇଛି। ପ୍ରାୟ ୧୦୦ ଫୁଟ ଲମ୍ବରେ ବନ୍ଧ ଫାଟିବା ସହିତ ନଦୀ ଗର୍ଭକୁ ବନ୍ଧ ଧସିବାରେ ଲାଗିଛି। ନିକଟରେ ଉକ୍ତ ସ୍ଥାନରେ ନଦୀବନ୍ଧରେ ପଥର ପ୍ୟାକିଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇ ଆସୁଥିବାବେଳେ ପୁଣି ନଦୀ ବନ୍ଧ ଧସିବାନେଇ ଆସନ୍ନ ବନ୍ୟାରେ ଘାଇ ସୃଷ୍ଟି ହେବା ନିଶ୍ଚିତ ହୋଇ ଯାଇଛି। ଯାହାଦ୍ୱାରା ନଦୀ କୂଳିଆ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତ ସପ୍ତାହରେ ରାମେଶ୍ୱର ପୁରର ମହାନ୍ତି ସାହି ନିକଟରେ ଗେଙ୍ଗୁଟି ନଦୀ ବନ୍ଧରେ ପ୍ରାୟ ୨ଶହ ଫୁଟ ନଦୀ ବନ୍ଧ ଧସିବା ନେଇ ଆତଙ୍କ ଯାଇ ନଥିବା ବେଳେ ବୁଧବାର ମଲିକ ସାହି ନିକଟରେ ବନ୍ଧ ଦବିବା ନେଇ ବିଭାଗୀୟ କାର୍ଯ୍ୟ ଉପରେ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଧସି ପଡ଼ିଥିବା ଗେଙ୍ଗୁଟି ନଦୀ ବନ୍ଧ।

## ଘରେ ପଶିଲା ବନ୍ୟାଜଳ

- ବଢ଼ୁଛି ବୁଢ଼ାବଳଙ୍ଗ,ଉଛୁଳିଲା ଗଙ୍ଗାହାର
- ବେତନଟୀ-ଉଦଳା, ବଡ଼ସାହି -କୁଆମରା ଓ ବୈଶିଙ୍ଗା-ଉଦଳା ଯୋଗାଯୋଗ ବିଚ୍ଛିନ୍ନ



ଜଳ ଘେରରେ ଥିବା ଏକ ପରିବାର।

ବାରିପଦା ଅଫିସ,୨୬।୮

ମୟୂରଭଞ୍ଜ ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବାରିପଦା ସହର ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ ବଡ଼ ଗଛ ଉପୁଡ଼ିବା ସହ କୋଠା ଘର ଭୁଶୁଡି ପଡ଼ିଛି। ସେହିପରି ବନ୍ୟା ଜଳରେ ଭାସିଯାଇଥିବା ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନେ ସ୍ଥାନେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ପ୍ରଶାସନ ସଜାଗ ରହି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ଜିଲାରେ ହାରାହାରି ୧୨୨ମି.ମି ବର୍ଷା ହୋଇଥିବା ବେଳେ ବାରିପଦାରେ ସର୍ବାଧିକ ୨୦୭ମିମି, ଶୁକ୍ଳିରେ ୧୯୭, ଠାକୁରମୁଣ୍ଡା ୧୯୩, କୁଳିଅଣା ୧୭୦, କୁସୁମୀ ୧୫୬ ଏବଂ ଉଦଳା, ଜିଦିନଗର ଓ ଖୁଣ୍ଟା ଆଦି ବ୍ଲକରେ ୧୪୦ମି.ମି ବର୍ଷା ରେକର୍ଡ କରାଯାଇଛି। ତେବେ ବିପନ୍ନ ପରିବାରଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ପଲିଥିନ ପ୍ରଦାନ କରାଯାଉଥିବା ବେଳେ ପରିସ୍ଥିତିରେ ସୁଧାର ଆସିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ପ୍ରକାଶ କରିଛନ୍ତି।

ବୁଧବାର ସକାଳେ ବାରିପଦା ସହର ମଧ୍ୟ ଦେଇ ପ୍ରବାହିତ ଜରାଳି ଓ ସରାଳି ନଦୀର ଉଦବୃତ୍ତ ବନ୍ୟାଜଳ ତଳିଆ ଅଞ୍ଚଳରେ ପ୍ରବେଶ କରିଥିଲା। ସେହିପରି ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇପାରି ନ ଥିବାରୁ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ସହରର ଶୂନଗଡ଼ିଆଠାରେ ଏକ ବିଶାଳ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ କିଛି ସମୟ ପାଇଁ ଠପ ହୋଇପଡ଼ିଥିଲା। ଖବରପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ଦ୍ରୁତ ଗତରେ ବୃଦ୍ଧି ପାଇବାରୁ ସହରର ମଧୁବନ ଅଞ୍ଚଳରେ ଥିବା ବସ୍ତିରେ ବନ୍ୟାଜଳ ପ୍ରବେଶ କରିଛି। ଜବରଦଖଲ ଉଚ୍ଛେଦ ସମୟରେ ଏକ କୋଠା ଘର ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ବେଳେ ବନ୍ୟାଜଳ ପ୍ରବେଶ କରିବାର କିଛି ସମୟ ପରେ ତାହା ଭୁଶୁଡ଼ି ପଡ଼ିଥିଲା। ତେବେ ସେହି ଘରେ କେହି ରହୁ ନ ଥିବାରୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ମ୍ୟୁନସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ପି.ଅନ୍ୱେଷା ରେଡ୍ଡି, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ଅତିରିକ୍ତ ଜିଲାପାଳ ବିବେକାନନ୍ଦ ସାହୁ, ତହସିଲଦାର ରାମଚନ୍ଦ୍ର ସୋରେନ, ରାଜସ୍ୱ ନିରୀକ୍ଷକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ବିପନ୍ନ ପରିବାରକୁ ନିକଟସ୍ଥ ସ୍କୁଲ ଘରେ ଥଇଥାନ କରି ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ସେହିପରି ବଡ଼ସାହି ବ୍ଲକ ଦେଇ ପ୍ରବାହିତ ହେଉଥିବା ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀର ଜଳପତ୍ତନ ବୃଦ୍ଧିପାଇଛି। ଗଙ୍ଗାହାର ନଦୀ ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ କରିଛି। ବୈଶିଙ୍ଗା-ଉଦଳା, ବେତନଟୀ-ଉଦଳା ଓ ବଡ଼ସାହି-କୁଆମରା ରାସ୍ତା ଉପରେ ୩/୪ଫୁଟ ବନ୍ୟା ଓ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତା ଦେଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ମାଣତ୍ରୀ-ଭୀମଦା ଚଟାଣ ରାସ୍ତା ପୋଲ ଉପରେ ଯାଉଥିବା ବନ୍ୟା ସ୍ରୋତରେ ଜଣେ ବୃଦ୍ଧା ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ ସ୍ନେହଲତା ମହାପାତ୍ର(୬୨)।

## ଆଖଣ୍ଡଳମଣି ମନ୍ଦିରରେ ବୁଡ଼ିଲା ବିଗ୍ରହ

ଆରଡି, ୨୬।୮, (ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଗର୍ଭଗୃହରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ବୁଧବାର ସକାଳୁ ପହୁଡ଼ ଖୋଲାଯିବା ପରେ ପାଳିଆ ସେବକ ଓ ଅନ୍ୟ ସେବାୟତ ମାନେ ବାବା ଆଖଣ୍ଡଳମଣିଙ୍କ ବିଗ୍ରହ ବୁଡିଯିବା ଦେଖିବାକୁ ପାଇଥିଲେ। ନିୟମାନୁସାରେ ବିଗ୍ରହ ପାଣିରେ ବୁଡ଼ି ରହିଲେ ମନ୍ଦିରରେ ନୀତିକାନ୍ତି ହୋଇ ପାରିବ ନାହିଁ। ତେଣୁ ମନ୍ଦିର ପ୍ରଶାସନ ପକ୍ଷରୁ ପମ୍ପସେଟ ଯୋଗେ ଗର୍ଭଗୃହରୁ ବର୍ଷାଜଳ ନିଷ୍କାସନ କରାଯାଇଥିଲା। ୨୦୧୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କାମ ହାତକୁ ନିଆଯାଇ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ଏହି କାମକୁ ୩ ବର୍ଷ ନଯାଉଣୁ ପୁଣି ଗର୍ଭଗୃହରେ ପାଣି ଜମିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ସ୍ଥିତିରେ ଗର୍ଭଗୃହ ପଥର ଚଟାଣକୁ ପୁନଃ ମରାମତି କରିବାକୁ ସେବାୟତମାନେ ଦାବି କରିଛନ୍ତି।



ମନ୍ଦିର ଗର୍ଭଗୃହରେ ବର୍ଷାପାଣି ଜମି ରହିଛି।

## ଭଦ୍ରକରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍

ଭଦ୍ରକ ଅଫିସ, ୨୬।୮

ଭଦ୍ରକ ଜିଲାରେ ଲଗାଣ ବର୍ଷା କାରଣରୁ ବନ୍ୟା ଆଶଙ୍କା ଦେଖା ଦେଇଛି। ଦୁଇ ଦିନ ଧରି ବର୍ଷା ଲାଗି ରହି ଥିବାରୁ ସମସ୍ତ ନଦୀରେ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଛି। ବୈତରଣୀ, ରେବ, କପାଳି, ଗେଙ୍ଗୁଟି ଓ ସାଳନ୍ଦୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ଜଳ ପ୍ରବାହିତ ହୋଇଛି। ମୁଖ୍ୟତଃ ଧାମନଗର, ଭଣ୍ଡାରିପୋଖରୀ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇପାରେ ବୋଲି ଜିଲା ପ୍ରଶାସନ ଆକଳନ କରିଛି। ବୈତରଣୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଭଣ୍ଡାରିପୋଖରୀ ଓ ଧାମନଗର ପ୍ରଭାବିତ ହେବ ବୋଲି ଆଶଙ୍କା ଦୃଢ଼ୀଭୂତ ହେଉଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଓ ଉପଜିଲାପାଳ ପୀତାମ୍ବର ସାମଲ ଦୁହେଁ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ବିଭିନ୍ନ ବନ୍ୟା ଆଶଙ୍କା ଥିବା ଅଞ୍ଚଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏକ ଓଡ୍ରାଫ୍ ଟିମ୍‌କୁ ଧାମନଗର ପଠାଯାଇଥିବା ବେଳେ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଭଣ୍ଡାରିପୋଖରୀ ଆଖୁଆପଦାଠାରେ ରଖାଯାଇଛି। ବୈତରଣୀରେ ଆସନ୍ନ ବନ୍ୟାକୁ ଲକ୍ଷ୍ୟ ରଖି ସ୍ଥାନୀୟ ତହସିଲଦାର ଓ ବିଡିଓମାନଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। କଣ୍ଟିଘାଇ ଏସ୍କେପ୍‌ରୁ ବନ୍ୟାଜଳ ବାହାରି ଚାଷଜମିରେ ପ୍ରବେଶ କରିସାରିଲାଣି। ରାତି ସୁଦ୍ଧା ଭଣ୍ଡାରିପୋଖରୀର ତଳିଆ ଅଞ୍ଚଳ କୁହାଯାଉଥିବା ନପଙ୍ଗ, ଷୋଳମପୁର, ରହଣିଆ, ମାଳଦା, କୁରିଗାଁ, ଧାମନଗରର ଜାହାଙ୍ଗୀର, ପଧାନୀ, ଅର୍ଜୁନପୁର ଅଞ୍ଚଳ ପ୍ରଥମେ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ସେହିଭଳି ଜିଲାର ସମସ୍ତ ବ୍ଲକରେ ବ୍ୟାପକ ଚାଷଜମି ଜଳମଗ୍ନ ଥିବା ଜଣାପଡ଼ିଛି। ଧାନ ଜମିରେ ବର୍ଷା ପାଣି ଜମି ରହି ପଚିଯିବା ଅବସ୍ଥାକୁ ଆସିଗଲାଣି। ଦୁହାକୁ ଦୁହା ବର୍ଷା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।



ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଡିଆର୍‌ଏଫ୍ ଟିମ୍।

